# NATIONAL NEWS BULLETIN (ODIA)

**9 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତ-ପାକିସ୍ତାନ ଉତ୍ତେଜନା ପରିପ୍ରେକ୍ଷୀରେ ସୁରକ୍ଷା ସ୍ଥିତି ନେଇ ତିନିସେନା ମୁଖ୍ୟଙ୍କ ସହ ଆଲୋଚନା କଲେ ପ୍ରତିରକ୍ଷାମନ୍ତ୍ରୀ ।

\- ବିଭିନ୍ନ ସୁରକ୍ଷା ସଂସ୍ଥାର ମୁଖ୍ୟଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ବୈଠକ ଜାରି ।

- ସୁରକ୍ଷାବାହିନୀର ଗତିବିଧିର ସିଧାପ୍ରସାରଣ ନକରିବା ପାଇଁ ଗଣମାଧ୍ୟମ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟର ପରାମର୍ଶ ।

- ରୁଷିଆ ଆଜି ପାଳନ କରୁଛି ତାର ୮୦ତମ ବିଜୟ ଦିବସ ।

ଏବଂ

- କୌଣସି ଦେଶ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀଲଙ୍କାର ଆକାଶମାର୍ଗ ବ୍ୟବହାର ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ କଲା ଶ୍ରୀଲଙ୍କା ।

## ଡିଫେନ୍ସ ହୋମ୍ ମିଟିଂ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ପଶ୍ଚିମ ସୀମାରେ ସୁରକ୍ଷା ପରିସ୍ଥିତି ଏବଂ ଭାରତୀୟ ସଶସ୍ତ୍ର ବାହିନୀର ପ୍ରସ୍ତୁତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ, ସ୍ଥଳସେନା ମୁଖ୍ୟ

ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ମାର୍ଶାଲ ଅମରପ୍ରୀତ୍ ସିଂହ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ ।

ବର୍ତ୍ତମାନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ଏବଂ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋର ଅଧ୍ୟକ୍ଷ ମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି ।

## ନିଉ ପାକ୍ ମିଶାଇଲ୍ ଜାମ୍ମୁ

ଭାରତୀୟ ସଶସ୍ତ୍ର ବାହିନୀ ଗତକାଲି ରାତିରେ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ବ୍ୟବହାର କରି ଉତ୍ତର ଏବଂ ପଶ୍ଚିମ ସହରଗୁଡ଼ିକୁ ଟାର୍ଗେଟ୍ କରିବା ପାଇଁ ପାକିସ୍ତାନର ସମସ୍ତ ପ୍ରୟାସ ପଣ୍ଡ କରିଦେଇଛି । ପାକିସ୍ତାନୀ ସେନା ଜାମ୍ମୁ ଏବଂ କାଶ୍ମୀରର ନିୟନ୍ତ୍ରଣ ରେଖାରେ ବହୁବାର ଅସ୍ତ୍ରବିରତି ଉଲ୍ଲଘଂନ କରିଛି । ଭାରତୀୟ ସେନା କହିଛି ଏହି ଅସ୍ତ୍ରବିରତି ଉଲ୍ଲଘଂନର କଡ଼ା ଜବାବ ଦିଆଯାଇଛି । ସେନା କହିଛି ଏହା ଦେଶର ସାର୍ବଭୌମତ୍ୱ ଏବଂ କ୍ଷତ୍ରୀୟ ଅଖଣ୍ଡତାକୁ ସୁରକ୍ଷା ଦେବାପାଇଁ ପ୍ରତିଶ୍ରୁତିବଦ୍ଧ । ପ୍ରତିରକ୍ଷା କର୍ମଚାରୀଙ୍କ ସୁଚନା ଅନୁଯାୟୀ ପାକିସ୍ତାନ ଜାମ୍ମୁ, ପଠାନକୋଟ ଏବଂ ଉଦ୍ଧମପୁରରେ ସାମରିକ କେନ୍ଦ୍ର ଏବଂ ଅନ୍ତର୍ଜାତୀୟ ସୀମା ନିକଟବର୍ତ୍ତୀ ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରିବାକୁ ଚେଷ୍ଟା କରିଥିଲା । ଭାରତୀୟ ସଶସ୍ତ୍ରବାହିନୀ ସମସ୍ତ ଆକ୍ରମଣକୁ ସଫଳତାର ନିଷ୍କ୍ରିୟ କରିଛି ଏବଂ କୌଣସି ଜୀବନହାନି ହୋଇନାହିଁ । ଆମ ପ୍ରତିନିଧି ପଲ୍ଲବୀ ବର୍ମାଙ୍କ ଠାରୁ ଏ ସଂକ୍ରାନ୍ତ ଅଧିକ ତଥ୍ୟ...

**V/O (Pallavi)**

ବଢୁଥିବା ଉତ୍ତେଜନା ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୀମା ପରିସ୍ଥିତିର ସମୀକ୍ଷା କରିବା ପାଇଁ ସୀମା ସୁରକ୍ଷା ବାହିନୀର ମହାନିର୍ଦ୍ଦେଶକଙ୍କ ସହ କଥା ହୋଇଛନ୍ତି । ସେ ବିମାନବନ୍ଦର ସୁରକ୍ଷା ସମ୍ପର୍କରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ମହା ନିର୍ଦ୍ଦେଶକଙ୍କ ସହ ମଧ୍ୟ କଥା ହୋଇଛନ୍ତି । ଗତକାଲି ଏକ ସ୍ୱତନ୍ତ୍ର ମିଳିତ ବିବୃତ୍ତିରେ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଘଟଣାକୁ ବଢ଼ାଇବା  ନୂଆଦିଲ୍ଲୀର ଉଦ୍ଦେଶ୍ୟ ନୁହେଁ, କେବଳ ପାକିସ୍ତାନରେ ଆତଙ୍କବାଦୀ ଭିତ୍ତିଭୂମିକୁ ଆଘାତ କରାଯାଇଛି । ସେ କହିଛନ୍ତି ୨୨ ଏପ୍ରିଲ ପହଲଗାମ ଆତଙ୍କବାଦୀ ଆକ୍ରମଣ ହେଉଛି ମୂଳ ଉତ୍ତେଜନା ଏବଂ ଭାରତ କେବଳ ଏହାର ଜବାବ ଦେଉଛି ।

ମିଳିତ ବିବୃତ୍ତି ସମୟରେ କର୍ଣ୍ଣେଲ ସୋଫିଆ କ୍ୟୁରେସି କହିଛନ୍ତି ଭାରତୀୟ ଶଶସ୍ତ୍ର ବାହିନୀ ଗତକାଲି ପାକିସ୍ତାନର ଅନେକ ସ୍ଥାନରେ ବାୟୁ ପ୍ରତିରକ୍ଷା ରାଡାର ଏବଂ ସିଷ୍ଟମକୁ ଟାର୍ଗେଟ୍ କରିଥିଲା । ଲାହୋରରେ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ନିଷ୍କ୍ରିୟ କରିଦିଆଯାଇଥିଲା ।

**V/O (Sofia)**

# ପାକ୍ ଲୋନ୍

ଅନେକ କ୍ଷତି ପରେ ପାକିସ୍ତାନ ସରକାର ତା'ର ଆନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଅଧିକ ଋଣ ପାଇଁ ଅନୁରୋଧ କରିଛି । ପାକିସ୍ତାନ ସରକାରଙ୍କ ଅର୍ଥନୈତିକ ବ୍ୟାପାର ବିଭାଗ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି ବଢୁଥିବା ଯୁଦ୍ଧ ଏବଂ ଷ୍ଟକ ସୂଚକାଙ୍କ ହ୍ରାସ

ପରିପ୍ରେକ୍ଷୀରେ ଅଂଶୀଦାରମାନଙ୍କୁ ଉତ୍ତେଜନା ହ୍ରାସ କରିବାରେ ସାହାଯ୍ୟ କରିବାକୁ ଅନୁରୋଧ କରାଯାଇଛି ।

## ମିଡିଆ ଆଡଭାଇଜରୀ

ସରକାର ସମସ୍ତ ଗଣମାଧ୍ୟମ ଚ୍ୟାନେଲ,ଡିଜିଟାଲ ପ୍ଲାଟଫର୍ମ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରତିରକ୍ଷା ଅଭିଯାନ ଏବଂ ସୁରକ୍ଷା ବାହିନୀର ଗତିବିଧିର ଲାଇଭ୍ କଭରେଜ୍ କିମ୍ବା ରିଅଲ ଟାଇମ୍ ରିପୋର୍ଟିଂରୁ ନିବୃତ ରହିବାକୁ ପରାମର୍ଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପୂର୍ବ ମାର୍ଗଦର୍ଶିକାକୁ ଉର୍ଦ୍ଧୃତ କରି କହିଛି ଏପରି ସମ୍ବେଦନଶୀଳ ଏବଂ ଉତ୍ସ ଆଧାରିତ ସୂଚନା ପ୍ରକାଶ କରିବା ଦ୍ୱାରା ସେନାର କାର୍ଯ୍ୟ ପ୍ରଣାଳୀ ଓ ଜୀବନକୁ ବିପଦରେ ପକାଇପାରେ । ଏହା ସମସ୍ତ ଅଂଶୀଦାରଙ୍କୁ ସତର୍କ, ସମ୍ବେଦନଶୀଳ ଏବଂ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଛି ।

## ଆଇଓସିଏଲ୍-ଫୁଏଲ ଆଡଭାଇଜରୀ

ଭାରତୀୟ ତୈଳ ନିଗମ ଆଇଓସିଏଲ୍ କହିଛି ସାରା ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ରହିଛି ଏବଂ ଏହାର ଯୋଗାଣ ଶୃଙ୍ଖଳ ମଧ୍ୟ ନିରବଚ୍ଛିନ୍ନଭାବେ ସୁରୁଖୁରୁରେ କାର୍ଯ୍ୟ କରୁଛି । ସମସ୍ତଙ୍କ ପାଇଁ ନିରବଚ୍ଛିନ୍ନ ଇନ୍ଧନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଆଇଓସିଏଲ୍ ପକ୍ଷରୁ ନାଗରିକମାନଙ୍କୁ ଆତଙ୍କିତ ହୋଇ ଅଧିକ ନ କିଣିବା ଏବଂ ଅନାବଶ୍ୟକ ଭିଡ଼ ଏଡାଇବା ପାଇଁ ଅନୁରୋଧ କରାଯାଇଛି । ଆଇଓସିଏଲ୍ କହିଛି ଏହାର ସମସ୍ତ ଆଉଟ୍‌ଲେଟ୍‌ରେ ଇନ୍ଧନ ଏବଂ ଏଲ୍‌ପିଜି ପର୍ଯ୍ୟାପ୍ତ ପରିମାଣର ଉପଲବ୍ଧ ରହିଛି ।

# ଦିଲ୍ଲୀ ଏୟାରପୋର୍ଟ ଆଡଭାଇଜରୀ

ଦିଲ୍ଲୀ ବିମାନବନ୍ଦରର କାର୍ଯ୍ୟଧାରା ସ୍ୱାଭାବିକ ରହିବ । ତଥାପି ଭାରତ - ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଆକାଶମାର୍ଗ ପରିସ୍ଥିତି ଓ ସୁରକ୍ଷା ବ୍ୟବସ୍ଥା ଯୋଗୁଁ କିଛି ଉଡାଣ ପ୍ରଭାବିତ ହୋଇପାରେ । ଆଜି ଜାରି ହୋଇଥିବା ଏକ ପରାମର୍ଶରେ ଦିଲ୍ଲୀ ବିମାନବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କର ସୁବିଧା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ନିରାପତ୍ତା ବାହିନୀ ସହ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି । ସମସ୍ତ ସୂଚନା ପାଇଁ କେବଳ ସରକାରୀ ଉତ୍ସ ଉପରେ ନିର୍ଭର କରିବାକୁ ଏବଂ ମିଥ୍ୟା ଓ ମନଗଢ଼ା ବିଷୟ ଉପରେ କିମ୍ବା ପ୍ରସାରଣ ନକରିବାକୁ ବିମାନ ବନ୍ଦର କର୍ତ୍ତୃପକ୍ଷ ଅନୁରୋଧ କରିଛି ।

# ରେଲଓ୍ୱେ-ଜାମ୍ମୁ

ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଜାମ୍ମୁ ଏବଂ ଉଦ୍ଧମପୁରରୁ ନୂଆଦିଲ୍ଲୀ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାର ଯୋଜନା କରିଛି । ୧୨ଟି ଅଣ ସଂରକ୍ଷିତ ଏବଂ ୧୨ଟି ସଂରକ୍ଷିତ କୋଚ୍ ବିଶିଷ୍ଟ ଟ୍ରେନ୍ ନମ୍ବର ୦୪୬୧୨ ସକାଳ ୧୦ଟା ୪୫ମିନିଟ୍ ସମୟରେ ଜାମ୍ମୁରୁ ଛାଡିବ । ଆଉ ୨୦ଟି କୋଚ୍ ବିଶିଷ୍ଟ ବନ୍ଦେଭାରତ ମଧ୍ୟାହ୍ନ ୧୨ଟା ୪୫ ସମୟରେ ଉଦ୍ଧମପୁରରୁ ଜାମ୍ମୁ ଏବଂ ପଠାନକୋଟ ଦେଇ ଚାଲିବ । ଜାମ୍ମୁରୁ ସଂଧ୍ୟା ୭ଟାରେ ଆଉ ଏକ ସମ୍ପୂର୍ଣ୍ଣ ସଂରକ୍ଷିତ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାର ମଧ୍ୟ ଯୋଜନା କରାଯାଇଛି ବୋଲି ରେଳବାଇ କହିଛି ।

# ରଷିଆ ସେଲିବ୍ରେସନ

ଜର୍ମାନୀର ନାଜି ସେନା ଉପରେ ସୋଭିଏତ୍ ବିଜୟର ୮୦ତମ ବାର୍ଷିକୀ ପାଳନ ଅବସରରେ ଆଜି ମସ୍କୋରେ ଭବ୍ୟ ବିଜୟ ଦିବସ ପ୍ୟାରେଡ୍‌ର ଆୟୋଜନ କରୁଛନ୍ତି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ । ଏହି କାର୍ଯ୍ୟକ୍ରମରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍, ସ୍ଲୋଭାକିଆ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସମେତ ୨୦ରୁ ଅଧିକ ବିଦେଶୀ ନେତା ଯୋଗଦେବେ । ଫେବୃୟାରୀ ୨୦୨୨ରେ ରୁଷ୍’ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିବା ପରଠାରୁ ଏହା ଚତୁର୍ଥ ପ୍ୟାରେଡ୍ । ବିଜୟ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ପୁଟିନ ୟୁକ୍ରେନ ସହିତ ଏକ ଅସ୍ଥାୟୀ ମାନବୀୟ ଯୁଦ୍ଧ ବିରତି ଘୋଷଣା କରିଛନ୍ତି । କିନ୍ତୁ କିଭ୍ ଏହି ପଦକ୍ଷେପକୁ ନିଷ୍ଠୁର ବୋଲି ପ୍ରତ୍ୟାଖାନ କରିବା ସହ ଉତ୍ସବକୁ କୁଟିଳତା ଶୋଭାଯାତ୍ରା ବୋଲି ଦର୍ଶାଇଛି । କିଭ୍ ଚେତାବନୀ ଦେଇ କହିଛି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ବିଦେଶର ବିଶିଷ୍ଟ ବ୍ୟକ୍ତିମାନଙ୍କର ସୁରକ୍ଷାକୁ ସେ ସୁନିଶ୍ଚିତ କରିପାରିବ ନାହିଁ ।

# ଇଏଏମ୍-ୟୁରୋପ ଡେ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ୟୁରୋପ ଦିବସ ଅବସରରେ ବୈଦେଶିକ ବ୍ୟାପାର ଏବଂ ସୁରକ୍ଷା ନୀତି ପାଇଁ ୟୁରୋପୀୟ ସଂଘର ଉଚ୍ଚ ପ୍ରତିନିଧି କାଜା କାଲାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି ଭାରତ’ ୟୁରୋପୀୟ ସଂଘ ସହିତ ଏହାର ରଣନୈତିକ ସହଭାଗିତାର ବିସ୍ତାରକୁ ଗୁରୁତ୍ୱ ଦିଏ ।

# ଇଣ୍ଡିଆ-ଚିଲି

ଭାରତ ଏବଂ ଚିଲି ଏକ ବ୍ୟାପକ ଆର୍ଥିକ ସହଭାଗିତା ଚୁକ୍ତିନାମା ପାଇଁ ଆବଶ୍ୟକୀୟ ସର୍ତ୍ତାବଳୀ ସ୍ୱାକ୍ଷର କରିଛନ୍ତି । ସେମାନଙ୍କର ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ତାହା ଚିହ୍ନିତ କରିଛି । ଭାରତରେ ଚିଲିର ରାଷ୍ଟ୍ରଦୂତ ଜୁଆଲା ଆଙ୍ଗୁଲୋ ଏବଂ ବାଣିଜ୍ୟ ବିଭାଗର ଯୁଗ୍ମ ସଚିବ ବିମଳ ଆନନ୍ଦଙ୍କ ଦ୍ୱାରା ଗତକାଲି ପାରସ୍ପରିକ ସହମତିରେ ଏହି ସର୍ତ୍ତାବଳୀ ସ୍ୱାକ୍ଷରିତ ହୋଇଛି । ବାଣିଜ୍ୟ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ଦୃଷ୍ଟିକୋଣକୁ ପୁର୍ନବାର ଦୋହରାଇଛନ୍ତି । ଚଳିତମାସ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁଥିବା ପ୍ରଥମ ପର୍ଯ୍ୟାୟରେ ଫଳପ୍ରଦ ଆଲୋଚନା ପାଇଁ ଉଭୟ ଦେଶ ଅପେକ୍ଷା କରିଛନ୍ତି । ଏହି ଚୁକ୍ତିନାମା ଅନ୍ତର୍ଗତ ଦୁଇରାଷ୍ଟ୍ର ମଧ୍ୟରେ ଅଗ୍ରାଧିକାର ବାଣିଜ୍ୟ ସହଯୋଗ ବୃଦ୍ଧି ପାଇଁ ଡିଜିଟାଲ ସେବା, ନିବେଶ ପ୍ରୋତ୍ସାହନ ଏବଂ ସହଯୋଗ, ଏମ୍ଏସ୍ଏମ୍ଇ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରାଯାଉଛି । ଭାରତ ଏବଂ ଚିଲି ରଣନୈତିକ ଅଂଶୀଦାର ଏବଂ ଘନିଷ୍ଠ ସହଯୋଗୀ ହେବା ସହ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବର୍ଷବର୍ଷ ଧରି ସ୍ଥିର ରହିଛି । ଜାନୁଆରୀ ୨୦୦୫ରେ ଦୁଇଦେଶ ମଧ୍ୟରେ ଆର୍ଥିକ ସହଯୋଗ କ୍ଷେତ୍ରରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ମାର୍ଚ୍ଚ ୨୦୦୬ରେ ମଧ୍ୟ ଏକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ସେବେଠାରୁ ଭାରତ ଓ ଚିଲି ମଧ୍ୟରେ ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇବାରେ ଲାଗିଛି ।